# ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କ ଝୁଲନ୍ତା ମୃତଦେହ ଜବତ





ଘଟଣାସ୍ଥଳରେ ପୋଲିସ ପକ୍ଷରୁ ତଦନ୍ତ କରାଯାଉଛି।

**ଢେଙ୍କାନାଳ,୯।୩(ରତନ ନାୟାର)**

ଢେଙ୍କାନାଳ ସହର ମହିଷାପାଟ ହାଉସିଂବୋର୍ଡ ଫେଜ୍-୧ରେ ଏକ ଭଡ଼ାଘରେ ରହୁଥିବା ୧୨-ଓଡ଼ିଶା ଏନ୍‌ସିସି ବାଟାଲିୟନର ଜଣେ କଲୋନେଲଙ୍କ ବଡ଼ଝିଅଙ୍କ ମୃତଦେହ ଝୁଲନ୍ତା ଅବସ୍ଥାରେ ତାଙ୍କ ଶୋଇବା ଘର ପ୍ରକୋଷ୍ଠରୁ ସୋମବାର ସକାଳେ ପୋଲିସ ଜବତ କରିଛି। ସେ ଅଷ୍ଟମ ଶ୍ରେଣୀରେ ପଢୁଥିଲେ। ମୃତ୍ୟୁର କାରଣ ବର୍ତ୍ତମାନସୁଦ୍ଧା ଅସ୍ପଷ୍ଟ ରହିଛି।

ସୂଚନା ଅନୁଯାୟୀ, ସମ୍ପୃକ୍ତ କଲୋନେଲଙ୍କ ସ୍ତ୍ରୀ, ୨ ଝିଅ ଓ ପୁଅ ଲକ୍ଷ୍ନୌରେ ରହୁଥିଲେ। ୩ ପିଲା

## ପୋଲିସ ହେପାଜତରେ ଡାଏରି, ମୋବାଇଲ ଫୋନ

ସେଠାରେ ପଢୁଥିବା ବେଳେ ଛୁଟି କଟାଇବା ପାଇଁ ମା'ଙ୍କ ସହ ଢେଙ୍କାନାଳ ଆସିଥିଲେ। ରବିବାର ରାତିରେ ସମସ୍ତେ ହସଖୁସି ସାରି ଶୋଇଥିଲେ। ସକାଳେ ବଡ଼ଝିଅଙ୍କ ମୃତଦେହ ଶୋଇବା ଘର ଫ୍ୟାନ୍‌ରେ ଝୁଲୁଥିବା ଦେଖିବାକୁ ମିଳିଥିଲା। ଖବରପାଇ ସଦର ଏସ୍‌ଡିପିଓ ରମେଶଚନ୍ଦ୍ର ଦୋରା, ଏକ୍‌ଜିକ୍ୟୁଟିଭ ମାଜିଷ୍ଟ୍ରେଟ୍ ଭାବେ ସଦର ଅତିରିକ୍ତ ତହସିଲଦାର ସୁମନ୍ତ ବେହେରା, ଟାଉନ ଥାନା ଅଧିକାରୀ ମଧୁସ୍ମିତା ନାଥଶର୍ମା ପ୍ରମୁଖ ସାଇଣ୍ଟିଫିକ ଟିମ୍ ସହିତ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିଲେ। ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଯାଇଥିଲା। ତଦନ୍ତ ସମୟରେ ଝିଅର ଏକ ଡାଏରି ଓ ମୋବାଇଲ ଫୋନକୁ ଜବତ କରାଯାଇ ଏହାକୁ ତଦନ୍ତ ପରିସରଭୁକ୍ତ କରାଯାଇଛି। ତେବେ ରବିବାର ବିଳମ୍ବିତ ରାତି ପର୍ଯ୍ୟନ୍ତ ସମ୍ପୃକ୍ତା ଛାତ୍ରୀ ଫୋନ୍ ଯୋଗେ କଥାବାର୍ତ୍ତା କରୁଥିଲେ ବୋଲି ସୂଚନା ମିଳିଛି। ଏ ସଂକ୍ରାନ୍ତରେ ମୃତ ଛାତ୍ରୀଙ୍କ ମାମୁ କହିଛନ୍ତି, ରାତିରେ ସମସ୍ତେ ହସଖୁସି ସାରି ଶୋଇଥିଲେ। ସକାଳୁ ଏଭଳି ଘଟଣା ଘଟିଥିବା ଦେଖିବାକୁ ମିଳିଲା। ସମ୍ପୃକ୍ତା ଛାତ୍ରୀ ଗତ ୨୮ ତାରିଖରେ ଢେଙ୍କାନାଳ ଆସିଥିଲେ। ମା' ବାପାଙ୍କ ସହ ସେ ହସଖୁସିରେ ରହୁଥଲେ। ତେଣୁ ମୃତ୍ୟୁର କାରଣ କ'ଣ ତାହା କହିପାରିବୁ ନାହିଁ। ସଦର ଏସ୍‌ଡିପିଓ ରମେଶଚନ୍ଦ୍ର ଦୋରା କହିଛନ୍ତି, ସାଇଣ୍ଟିଫିକ୍ ଟିମ୍ ସହାୟତାରେ ଘଟଣାର ତଦନ୍ତ କରାଯାଉଛି। ତଦନ୍ତ ସମ୍ପୂର୍ଣ୍ଣ ହେବା ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ। ଟାଉନ ଥାନା ଅଧିକାରୀ ମଧୁସ୍ମିତା ନାଥଶର୍ମା କହିଛନ୍ତି, ଘଟଣାସ୍ଥଳରୁ ଗୋଟିଏ ଡାଏରି ଓ ମୋବାଇଲ ପୋଲିସ ଜବତ କରିଛି। ନଂ. ୮/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

# ବିଦେଶୀ ମଦ ଜବତ, ଜଣେ ଗିରଫ

**ପରଜଙ୍ଗ,୯।୩(ନିଗମାନନ୍ଦ ଦଳବେହେରା)**

ଢେଙ୍କାନାଳ ଜିଲା ପରଜଙ୍ଗ ଥାନା ସାଆନ୍ଦା ଫାଣ୍ଡି ଅଧୀନ ରୋଡ୍ ଗ୍ରାମରେ ରବିବାର ଅପରାହ୍ନରେ କାମାକ୍ଷାନଗର ଓ ପରଜଙ୍ଗ ଅବକାରୀ ଅଧିକାରୀଙ୍କ ସହିତ ସାଆନ୍ଦା ଫାଣ୍ଡି ଓ ପରଜଙ୍ଗ ପୋଲିସ ବିଭାଗ ମିଳିତ ଭାବେ ଚଢ଼ାଉ କରି ଚୋରା ମଦ ଜବତ କରିଛି। ରୋଡ ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ଥିବା ଏକ ଗୃହରେ ଏହି ଚଢ଼ାଉ କରାଯାଇଥିଲା। ଜବତ ମଦ ମଧ୍ୟରେ ୧୬୦ ଲିଟର ବିୟର ଓ ୪୦ ଲିଟର ଫରେନ୍ ଲକର ରହିଛି। ଚୋରା ମଦବିକ୍ରି ଅଭିଯୋଗରେ ଉକ୍ତ ଗ୍ରାମର ପଙ୍କଜ ନାଏକଙ୍କୁ ଅବକାରୀ ବିଭାଗ ଗିରଫ କରିଛି। ମୁଖ୍ୟ ବ୍ୟବସାୟୀ ବିରଞ୍ଚି ନାୟକ ଫେରାର ଅଛନ୍ତି। ଉକ୍ତ ଗୃହ ସମ୍ମୁଖରେ ପଞ୍ଚାୟତ କାର୍ଯ୍ୟାଳୟ ଥିବାବେଳେ ଅଳ୍ପଦୂରରେ ଉପ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ଛାତ୍ରୀଛାତ୍ର ଶିକ୍ଷାଲାଭ ପାଇଁ ଆସୁଥିବାବେଳେ ଅସାମାଜିକ ବ୍ୟକ୍ତି ମଦ୍ୟପାନ କରି ସେଠାରେ ଅଶାନ୍ତ ପରିବେଶ ସୃଷ୍ଟି କରୁଥିବାରୁ ଅନେକ ସମୟରେ ଛାତ୍ରୀଛାତ୍ର, ସାଧାରଣ ଲୋକେ ଅସୁବିଧାର ସମ୍ମୁଖୀନ ହେଉଥିଲେ। ଏ ନେଇ ପରଜଙ୍ଗ ଅବକାରୀ ବିଭାଗ ଏକ ମାମଲା ରୁଜୁକରି ଅଭିଯୁକ୍ତ ପଙ୍କଜଙ୍କୁ ସୋମବାର କୋର୍ଟ ଚାଲାଣ କରିଛି। ମୁଖ୍ୟ ଅଭିଯୁକ୍ତ ବିରଞ୍ଚିଙ୍କୁ ଖୁବଶୀଘ୍ର ଗିରଫ କରାଯିବ ବୋଲି ପରଜଙ୍ଗ ଅବକାରୀ ବିଭାଗ ଏସ୍‌ଆଇ ବାସନ୍ତୀ ଖ୍ଲାକି ସୂଚନା ଦେଇଛନ୍ତି । ଚଢ଼ାଉବେଳେ କାମାକ୍ଷାନଗର ଅବକାରୀ ବିଭାଗ ଇନ୍ସପେକ୍ଟର ପ୍ରକାଶ ଚନ୍ଦ୍ର ସାହୁ, ସାଆନ୍ଦା ଫାଣ୍ଡି ଅଧିକାରୀ ଜୋଶେଫ ପଟ୍ଟନାୟକ, ପରଜଙ୍ଗ ଥାନା ପିଏସ୍‌ଆଇ ଅଜୟ କୁମାର ବେହେରା ପ୍ରମୁଖ ସାମିଲ ହୋଇଥିଲେ।



ଜବତ ମଦ ସହ ଚଢ଼ାଉ କରିଥିବା ଟିମ୍।

# ୩ ପୋଷ୍ୟ ସନ୍ତାନ ଗ୍ରହଣ



ପୋଷ୍ୟ ସନ୍ତାନ ଗ୍ରହଣ କରୁଛନ୍ତି ଦମ୍ପତି।

## ଜଣେ ଓଡ଼ିଶାରେ, ଅନ୍ୟ ୨ କେରଳ, କୋଲକାତା ଗଲେ

**ଢେଙ୍କାନାଳ,୯।୩(ରତନ ନାୟାର)**

ଢେଙ୍କାନାଳ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ଦ୍ୱାରା ପରିଚାଳିତ ସ୍ୱତନ୍ତ୍ର ପୋଷ୍ୟ ସନ୍ତାନ ଗ୍ରହଣ ମାଧ୍ୟମରେ ୩ଜଣ ଶିଶୁଙ୍କୁ ଆଇନଗତ ଭାବରେ ଜିଲାପାଳଙ୍କ ଜରିଆରେ ୩ଜଣ ଦମ୍ପତି ଶନିବାର ଗ୍ରହଣ କରିଛନ୍ତି। ୩ଜଣ ଶିଶୁଙ୍କ ମଧ୍ୟରୁ ଜଣେ ଓଡ଼ିଶା ମଧ୍ୟରେ ପୋଷ୍ୟ ହୋଇଥିବାବେଳେ ଏବଂ ଅନ୍ୟ ୨ଜଣ କେରଳ, କୋଲକାତାର ଦମ୍ପତିଙ୍କ କୋଳକୁ ଯାଇଛନ୍ତି। ପୋଷ୍ୟ ମାତାପିତାମାନେ ସେମାନଙ୍କୁ ନିଜର ସନ୍ତାନ ଭାବେ ଗ୍ରହଣ କରିବାର ଆବଶ୍ୟକ କାଗଜପତ୍ର ପ୍ରଦାନ କରିଥିଲେ। ଏହି ଅବସରରେ ମହର୍ଷି ଦୟାନନ୍ଦ ସର୍ଭିସ ମିଶନ ସମ୍ପାଦକ ପ୍ରଦୀପ କୁମାର ସାହୁ, ଜିଲା ଶିଶୁ ସୁରକ୍ଷା ଅଧିକାରୀ ଅନୁରାଧା ଗୋସ୍ୱାମୀ, ସଂସ୍ଥା ପକ୍ଷରୁ ଶୁଭ୍ରା ପ୍ରିୟଦର୍ଶିନୀ ସାହୁ, ଅଞ୍ଜନା ଶର୍ମା, ପ୍ରୀତି ରଞ୍ଜନ ମିଶ୍ର, ପ୍ରଦୀପ କୁମାର ମିଶ୍ର ପ୍ରମୁଖ ସହଯୋଗ କରିଥିଲେ।

# ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ ନିର୍ଦ୍ଦେଶ



ଅଭିଯୋଗ ଶୁଣାଣି ଅବସରରେ ଜିଲାପାଳଙ୍କ ସହ ଅନ୍ୟ ଅଧିକାରୀମାନେ।

**କାମାକ୍ଷାନଗର,୯।୩(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ପଞ୍ଚାୟତ ସମିତି ସଭାଗୃହ ପରିସରରେ ସୋମବାର ଜିଲାପାଳ ଆଶିଷ ଈଶ୍ୱର ପାଟିଲଙ୍କ ଉପସ୍ଥିତରେ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୋଟ ୪୪ଟି ଅଭିଯୋଗ ଗ୍ରହଣ କରାଯାଇଥିଲା। ସେଥିମଧ୍ୟରୁ ୫ଟି ଅଭିଯୋଗର ସମାଧାନ ହୋଇଥିଲା। ମୁଖ୍ୟମନ୍ତ୍ରୀ ରିଲିଫ ଫଣ୍ଡରୁ ଜଣଙ୍କୁ ଓ ରେଡକ୍ରସ ପାଣ୍ଠିରୁ ୩ ଜଣଙ୍କୁ ସମୁଦାୟ ୫୦ ହଜାର ଟଙ୍କାର ସହାୟତା ପ୍ରଦାନ କରାଯାଇଥିଲା। ଆରକ୍ଷୀ ଅଧୀକ୍ଷକ ଅଭିନବ ସୋନକର, ବନଖଣ୍ଡ ଅଧିକାରୀ ସୁମିତ କୁମାର କର, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଦୀପ୍ତିରଞ୍ଜନ ସେଠୀ, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ସଞ୍ଜୟ ମହାପାତ୍ର, କାମାକ୍ଷାନଗର ଉପଜିଲାପାଳ ଦିନମଣି ନାୟକ, ଏସ୍‌ଡିପିଓ ରଜନୀକାନ୍ତ ସାମଲ, ବିଡଓ ପ୍ରଭୁକଲ୍ୟାଣ ଦାସ, ତହସିଲଦାର ଶୁଭଙ୍କର ମହାନ୍ତି, ଥାନାଧିକାରୀ ଜିତେନ୍ଦ୍ର କୁମାର ମଲ୍ଲିକ, ଉପଖଣ୍ଡ ଚିକିତ୍ସାଧିକାରୀ ଡା. ଦିଗମ୍ବର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଅଭିଯୋଗଗୁଡ଼ିକର ତୁରନ୍ତ ସମାଧାନ କରିବା ପାଇଁ ଜିଲାପାଳ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ।

# ବୁଲୁଛି ଗୋଟିକିଆ ହାତୀ, ଲୋକେ ଆତଙ୍କିତ

**କାମାକ୍ଷାନଗର,୯।୩(ସୁଧୀର କୁମାର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅଞ୍ଚଳରେ ହାତୀ ଆତଙ୍କ ଥମୁନାହିଁ। ସୋମବାର ସକାଳେ ପଣ୍ଡୁଆ, ଖଟୁଆହତା, ଜାମୁଝରା ଆଦି ଗାଁରେ ଉକ୍ତ ଗୋଟିକିଆ ହାତୀକୁ ଦେଖିବାକୁ ମିଳିଥିଲା। ସୂଚନା ଅନୁଯାୟୀ, କିଛିଦିନ ତଳେ ଏହି ଅଞ୍ଚଳରେ ୧୧ ଟିକିଆ ହାତୀପଲ ଆତଙ୍କ ସୃଷ୍ଟି କରିଥିବାବେଳେ ଏକ ଗୋଠଛଡ଼ା ଦନ୍ତା ଏବେ ସ୍ଥାନୀୟ ବାସିନ୍ଦାଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ଦନ୍ତାଟି ୪ଦିନ ପୂର୍ବେ ଅଁଳାବେରେଣୀ ଗ୍ରାମର ଚାରୁଲତା ନାଏକଙ୍କୁ ଦଳି ଦେଇଥିଲା। ଜଙ୍ଗଲ ଛାଡ଼ି ଦନ୍ତାଟି ଏବେ ଗାଁ ମୁହାଁ ହେଉଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି। ଉକ୍ତ ଅଞ୍ଚଳରେ ଥିବା କେତେକ କଦଳୀବଗିଚା ହାତୀ ନଷ୍ଟ କରିଥିବାବେଳେ ବନ ବିଭାଗ ତୁରନ୍ତ ଗାଁ ନିକଟରୁ ହାତୀ ଘଉଡ଼ାଇବା ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।



ଆତଙ୍କ ସୃଷ୍ଟି କରୁଥିବା ଗୋଟିକିଆ ଦନ୍ତା ହାତୀ।

# ଗଁଦିଆରେ ଛଅଦୋଳ ମେଳଣ ଯାତ୍ରା



ଗଁଦିଆ ଥାନା ପକ୍ଷରୁ ଛଅଦୋଳ ମେଳଣ ଯାତ୍ରା ପାଳନ କରାଯାଉଛି।

**ଗଁଦିଆ,୯।୩(ବିଶ୍ୱ ମୋହନ ସାହୁ)**

ଢେଙ୍କାନାଳ ଜିଲା ଗଁଦିଆ ଥାନା ପକ୍ଷରୁ ଛଅଦୋଳ ମେଳଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି । ବହୁ ପୁରାତନ କାଳରୁ ଏହି ପାରମ୍ପରିକ ମେଳଣ ଯାତ୍ରା ହୋଇଆସୁଛି। ଏହି ଅବସରରେ ଦୋଳ ବିମାନରେ ଠାକୁରଙ୍କୁ ନଗର ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ଲଉଡ଼ିବାଡ଼ି ପରିବେଷଣ କରାଯାଇଥିଲା। ଶ୍ରଦ୍ଧାଳୁଙ୍କ ଭିଡ଼ ମଧ୍ୟରେ ଦୋଳ ବିମାନ ସହର ପରିକ୍ରମା କରିଥିବା ଦେଖିବାକୁ ମିଳିଥିଲା। ଏହି କାର୍ଯ୍ୟକ୍ରମରେ ଭାରପ୍ରାପ୍ତ ଥାନା ଅଧିକାରୀ ପ୍ରତାପ ଦଳେଇଙ୍କ ତତ୍ତ୍ୱାବଧାନରେ ଥାନାର ସମସ୍ତ କର୍ମଚାରୀ, ଗଁଦିଆ ବ୍ଲକର ମାନ୍ୟଗଣ୍ୟ ବ୍ୟକ୍ତି, ଅଞ୍ଚଳବାସୀ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ। ସମସ୍ତଙ୍କ ସହଯୋଗରେ ଏହି ପାରମ୍ପରିକ ଦୋଳମେଳଣ ପାଳନ କରାଯାଇଥିଲା। ଏହି ଅବସରରେ ଥାନା ନିକଟସ୍ଥ ପଡ଼ିଆରେ ଅପେରା ପାର୍ଟି ପକ୍ଷରୁ ଯାତ୍ରା ପରିବେଷଣ କରାଯାଇଥିଲା। ଏଥିସହିତ ମେଳା ପରିସରରେ ବିଭିନ୍ନ ଛୋଟଛୋଟ ମନୋହାରୀ ଦୋକାନ ବଜାର ପଡିଥିବାରୁ ଲୋକମାନଙ୍କ ଭିଡ଼ ପରିଲକ୍ଷିତ ହୋଇଥିଲା।

# ସ୍ଥାନୀୟ କଳାକାରଙ୍କ ନୃତ୍ୟରେ ଝୁମିଲେ ଦର୍ଶକ

## ଉପଖଣ୍ଡ ବସନ୍ତ ମହୋତ୍ସବ ୪ର୍ଥ ସନ୍ଧ୍ୟା

**କାମାକ୍ଷାନଗର,୯।୩(ସୁଧୀର ପରିଡ଼ା)**

ଢେଙ୍କାନାଳ ଜିଲା କାମାକ୍ଷାନଗର ଉପଖଣ୍ଡ ବସନ୍ତ ମହୋତ୍ସବର ସୋମବାର ୪ର୍ଥ ସନ୍ଧ୍ୟାରେ ସାରଙ୍ଗଧର ଷ୍ଟାଡିୟମ ବାଜି ରାଉତ ମଞ୍ଚରେ ଦର୍ଶକ ସ୍ଥାନୀୟ କଳାକାରଙ୍କ ନୃତ୍ୟରେ ଝୁମିଛନ୍ତି। ମୁଖ୍ୟ ଅତିଥି ଭାବେ କାମାକ୍ଷାନଗର ଉପଜିଲାପାଳ ତଥା ମହୋତ୍ସବ କମିଟି ଅଧ୍ୟକ୍ଷ ଦିନମଣି ନାଏକ ଯୋଗଦେଇ ଶୁଭାରମ୍ଭ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କାମାକ୍ଷାନଗର ତହସିଲଦାର ଶୁଭଙ୍କର ମହାନ୍ତି, ଡେପୁଟି କଲେକ୍ଟର ଜ୍ୟୋତିରୂପା ଶତପଥୀ, ସହକାରୀ ଜିଲାପାଳ ଦୀପକ ମିଶ୍ର, ଓକିଲ ସଂଘ ସଭାପତି ରଞ୍ଜନ କୁମାର ରାଉତ, ମଠକରଗୋଳା ମହାବିଦ୍ୟାଳୟ ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ପ୍ରମୁଖ ଅତିଥି ଭାବେ ଉପସ୍ଥିତ ଥିଲେ। ପଲ୍ଲିଶ୍ରୀ ମେଳାରୁ ଦେଶ ଓ ରାଜ୍ୟର ବିଭିନ୍ନ ଘରକରଣା ଜିନିଷ ଲୋକମାନେ କିଣୁଥିବା ଦେଖାଯାଇଥିଲା। ପଲ୍ଲିଶ୍ରୀ ମେଳାରେ ଭଲ ବ୍ୟବସାୟ ହୋଇଥିବାବେଳେ ଦୋଳି ସାଙ୍ଗକୁ ଚଟ୍‌ପଟା ଖାଦ୍ୟର ମଜା ନେଇଥିଲେ ଅଞ୍ଚଳବାସୀ ।



# ସମାଜରେ ମହିଳାଙ୍କ ଗୁରୁତ୍ୱ ଉପରେ ଆଲୋଚନା

**ଓଡ଼ାପଡ଼ା,୯।୩(ରଞ୍ଜିତ୍ ନାୟକ)**



ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରବିବାର ବିଶ୍ୱ ଯୁବକେନ୍ଦ୍ର ତରଫରୁ ଢେଙ୍କାନାଳ ଜିଲାର ବିଭିନ୍ନ ପଦବୀରେ ଥିବା ମହିଳା ପଦାଧିକାରୀ, ଶିଶୁ ମଙ୍ଗଳ କମିଟି ଅଧିକାରୀ, ଜିଲା ସମାଜ ମଙ୍ଗଳ ଅଧିକାରୀ, ଓକିଲ, ଜିଲା ଶିଶୁ ସୁରକ୍ଷା ଅଧିକାରୀ, ବ୍ଲକ ଅଧ୍ୟକ୍ଷାଙ୍କୁ ପୁଷ୍ପଗୁଚ୍ଛ ଦେଇ ଶୁଭେଚ୍ଛା ବାର୍ତ୍ତା ଦିଆଯାଇଥିଲା। ଏହି ଅବସରରେ ଓଡ଼ାପଡ଼ା ଓ ହିନ୍ଦୋଳ ବ୍ଲକର ବିଭିନ୍ନ ଗ୍ରାମରେ ସଚେତନତାମୂଳକ କ୍ୟାଣ୍ଡେଲ ରାଲି ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମରେ ଅଙ୍ଗନୱାଡି କର୍ମୀ, ଆଶାକର୍ମୀ, ୱାର୍ଡ ମେମ୍ବର ଓ ଗ୍ରାମର ମହିଳା ଯୋଗଦେଇଥିଲେ। କାଉନ୍‌ସେଲର ମନସ୍ମିତା ନାୟକ ନାରୀ ସଶକ୍ତୀକରଣ, ନାରୀ ଅଧିକାର ଓ ସମାଜରେ ମହିଳାଙ୍କ ଗୁରୁତ୍ୱ ଉପରେ ଆଲୋଚନା କରିଥିଲେ। ପ୍ରକଳ୍ପ ସହାୟିକା ବିଦ୍ୟୁଲତା ଭଞ୍ଜ, କୁମୁଦିନୀ ସ୍ୱାଇଁ, ଝୁଲି ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ।

# ଶ୍ୟାମାଚରଣପୁରରେ ପଞ୍ଚଦୋଳ ଉତ୍ସବ



ଶ୍ୟାମାଚରଣପୁରରେ ପଞ୍ଚଦାଳ ଉତ୍ସବ ପାଳନ କରାଯାଉଛି।

**ଢେଙ୍କାନାଳ,୯।୩(ରତନ ନାୟାର)**

ଢେଙ୍କାନାଳ ସହର ଉପକଣ୍ଠ ଶ୍ୟାମାଚରଣପୁର ଆଞ୍ଚଳିକ ବିକାଶ ସମିତି ଆନୁକୂଲ୍ୟରେ ପଞ୍ଚଦୋଳ ମହୋତ୍ସବ ପାଳିତ ହୋଇଯାଇଛି। ରାଧାକୃଷ୍ଣଙ୍କୁ ବିମାନରେ ଶ୍ୟାମାଚରଣପୁର ଓ ବୋରାପଦା ଅଞ୍ଚଳ ପରିକ୍ରମା ସହ ଭୋଗଲାଗି କରାଯାଇଥିଲା। ବିମାନଗୁଡ଼ିକ ଶ୍ୟାମାଚରଣପୁର ଦୋଳଯାତ୍ରା ପଡ଼ିଆରେ ଏକତ୍ରିତ ହୋଇ ଚାଚେରି ଶୋଭାଯାତ୍ରାରେ ବାଇପାସ ସୁନ୍ଦରଶୁଣୀ ମନ୍ଦିର ପର୍ଯ୍ୟନ୍ତ ଯାଇ ସେଠାରୁ ଫେରି ଦୋଳ ପଡ଼ିଆ ଆସ୍ଥାନରେ ବିଜେ କରିଥିଲେ। ଏହି ଉପଲକ୍ଷେ ଭଜନ ପରିବେଷଣ ଓ ଅଭିନୟ ଫାଉଣ୍ଡେଶନ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା। ଗୋପାଳ ଭାଇମାନେ ଲଉଡି ଖେଳ ପ୍ରଦର୍ଶନ କରିଥିଲେ। ଶ୍ୟାମାଚରଣପୁର ଆଞ୍ଚଳିକ ବିକାଶ ସମିତି ସଭାପତି ଯୋଗୀନାଥ ମହାନ୍ତିଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ପ୍ରସନ୍ନ ସାହୁ, କୋଷାଧ୍ୟକ୍ଷ ଅରୁଣ ମହାନ୍ତି, ସହ ସମ୍ପାଦକ ସ୍ୱର୍ଣ୍ଣଭାନୁ ଦାସ, ସୁରେଶ ଜେନା ପ୍ରମୁଖ ସାମିଲ ହୋଇଥିଲେ।

# ଆଇନ ସଚେତନତା ଶିବିର

**ଭୁବନ,୯।୩(ବିପିନ ସେଠୀ)**

ଢେଙ୍କାନାଳ ଜିଲା ଭୁବନ ସିଭିଲ କୋର୍ଟ ପରିସରରେ ସୋମବାର ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ତାଲୁକ ଆଇନ ସେବା କମିଟି ପକ୍ଷରୁ ଏକ ଆଇନ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ଶିବାଶିଷ ପାଣିଙ୍କ ସଭାପତିତ୍ୱରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହିଳାଙ୍କ ସୁରକ୍ଷା ଓ ସଶକ୍ତୀକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଶିବିରରେ ମୁଖ୍ୟତଃ ଘରୋଇ ହିଂସା ପ୍ରତିରୋଧ ଆଇନ, ପୋକ୍‌ସୋ ଆଇନ, ପିସି ଏବଂ ପିଏନ୍‌ଡିଟି ଆଇନ, କାର୍ଯ୍ୟକ୍ଷେତ୍ରରେ ମହିଳାଙ୍କ ଯୌନ ଉତ୍ପୀଡ଼ନ ନିରୋଧ ଆଇନ ଏବଂ ପୀଡ଼ିତା କ୍ଷତିପୂରଣ ଯୋଜନା ବିଷୟରେ ବିଚାରପତି ଓ ଅତିଥିମାନେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ଆଇନଜୀବୀ, ତାଲୁକ ଆଇନସେବା ଓ କୋର୍ଟ କର୍ମଚାରୀ, ମହିଳାମାନେ ଯୋଗ ଦେଇଥିଲେ। ଭୁବନ ଥାନା ଅଧିକାରୀ ରେଣୁବାଳା ସାହୁ ଓ ଭୁବନ ଓକିଲ ସଂଘ ସଭାପତି ନିରଞ୍ଜନ ଜେଠୀ ପ୍ରମୁଖ ଉପସ୍ଥିତ ଥିଲେ।

# ମହିଳା ଦିବସରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର

**ଢେଙ୍କାନାଳ,୯।୩(ରତନ ନାୟାର)**

ଏସ୍‌ବିଆଇ ସଞ୍ଜିବନୀ-କ୍ଲିନିକ୍ ଅନ୍ ହୁଇଲ୍ସ ତରଫରୁ ବିଶ୍ୱ ମହିଳା ଦିବସ ଅବସରରେ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଓ ସ୍ୱଚ୍ଛ ଭାରତ ଅଭିଯାନ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଗ୍ରାମୀଣ ସମୁଦାୟ ମଧ୍ୟରେ ସ୍ୱଚ୍ଛତା, ସ୍ୱାସ୍ଥ୍ୟ ସଚେତନତା ଓ ମୌଳିକ ସ୍ୱାସ୍ଥ୍ୟସେବା ସମ୍ପର୍କରେ ପ୍ରୋତ୍ସାହନ ଦେବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ମୁଖ୍ୟ ଅତିଥି ଭାବେ ପୌରାଧ୍ୟକ୍ଷା ଜୟନ୍ତୀ ପାତ୍ର, କାର୍ଯ୍ୟକ୍ରମ ନିର୍ଦ୍ଦେଶକ ଅଲୋକ ଚନ୍ଦ୍ର ମହାନ୍ତି, ପିପିଏଚ୍‌ଏଫ୍-ଏମ୍‌ଏମ୍‌ୟୁ ଟିମ୍‌ର ମେଡିକାଲ ଅଫିସର ଡା. ସୁଧାଂଶୁବାଳା ପାଣିଗ୍ରାହୀ, ଫାର୍ମାସିଷ୍ଟ ପ୍ରତାପ କୁମାର ଶୁକ୍ଳା, ଷ୍ଟାଫ୍‌ନର୍ସ ସୁଭଦ୍ରା ବେହେରା, ଏଲ୍‌ଟି ରାଜକିଶୋର ମୁର୍ମୁ ଓ ବିନୋଦ ମଲ୍ଲିକ ପ୍ରମୁଖ ଶିବିର ପରିଚାଳନା କରିଥିଲେ। ବ୍ୟକ୍ତିଗତ ସ୍ୱଚ୍ଛତା, ପରିଷ୍କାର-ପରିଚ୍ଛନ୍ନତା, ଆବର୍ଜନା ପରିଚାଳନା ଓ ରୋଗ ପ୍ରତିରୋଧ ପାଇଁ ପରିବେଶକୁ ସଫା ରଖିବା ଆଦି ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଉପସ୍ଥିତ ମହିଳାମାନଙ୍କୁ ସାଧାରଣ ସ୍ୱାସ୍ଥ୍ୟ ପରୀକ୍ଷା, ରକ୍ତଚାପ, ରକ୍ତ ଶର୍କରା, ହେମୋଗ୍ଲୋବିନ୍ ପରୀକ୍ଷା ଆଦି ସହିତ ଚିକିତ୍ସା ପରାମର୍ଶ ଓ ନିଶୁଳ୍କ ଔଷଧ ସେବା ଯୋଗାଇ ଦିଆଯାଇଥିଲା। ଶିବିରରେ ୨୦୦ରୁ ଅଧିକ ମହିଳା ଯୋଗଦାନ କରିଥିଲେ। ଅତିଥିମାନଙ୍କ ଦ୍ୱାରା ହାଇଜିନ୍ କିଟ୍ ବଣ୍ଟନ କରାଯାଇଥିଲା। ଏସ୍‌ବିଆଇ ସଞ୍ଜୀବନୀ କ୍ଲିନିକ୍ ଅନ୍ ହୁଇଲ୍ସ ଓ ପିପୁଲ ଟୁ ପିପୁଲ୍ ହେଲଥ ଫାଉଣ୍ଡେଶନର ମିଳିତ ସହଯୋଗରେ ଅନୁସୂଚିତ ଜନଜାତିଙ୍କ ସ୍ୱାସ୍ଥ୍ୟଗତ ସମସ୍ୟାର ସମାଧାନ ଓ ନିରାକରଣ ପାଇଁ ଏହି କାର୍ଯ୍ୟକ୍ରମ ଚାଲୁରହିଛି ।




ମହିଳା ଦିବସରେ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିରରେ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

## ହାତୀ ଆକ୍ରମଣରେ ମହିଳା ଗୁରୁତର

ଢେଙ୍କାନାଳ,(ରତନ ନାୟାର): ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ବଦାଲୋ ଘୋଡ଼ାଡିଆଁ ଗ୍ରାମର ଜାନକୀ ବାରିକ(୫୫) ନାମକ ଜଣେ ମହିଳା ହାତୀ ଆକ୍ରମଣରେ ଗୁରୁତର ହୋଇଛନ୍ତି। ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ତାଙ୍କର ବାମଗୋଡ଼ ଓ ଜଙ୍ଘରେ ଗଭୀର କ୍ଷତ ହୋଇଛି। ଜାନକୀ ସୋମବାର ସକାଳ ସମୟରେ ଗାଧୋଇବାକୁ ଯିବାବେଳେ ହାତୀ ହାବୁଡରେ ପଡିଯାଇଥିଲେ।

## ସଂକ୍ଷେପରେ

### ମାର୍ଚ୍ଚ ୧୪ରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ

ଅନୁଗୋଳ,୯।୩(ଦିବ୍ୟଶାନ୍ତନୁ ନାଥ)

ଆସନ୍ତା ୧୪ ତାରିଖରେ ଅନୁଗୋଳ, ତାଳଚେର, ଆଠମଲ୍ଲିକ, ପାଲଲହଡ଼ା, ଛେଣ୍ଡିପଦା ଓ ବଅଁରପାଳସ୍ଥିତ ଅଦାଲତ ପରିସରରେ ପ୍ରଥମ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହେବ। ଏଥିରେ ଫୌଜଦାରି (ସାଲିସ ଯୋଗ୍ୟ), କ୍ଲ ବାର୍ଗେନିଂ, ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ମାମଲା, ଶ୍ରମ ବିବାଦ ମାମଲା, ଲୋକ ଉପଯୋଗୀ ସେବା ସମ୍ବନ୍ଧୀୟ ମାମଲା, ବୈବାହିକ ବିବାଦ (ଛାଡ଼ପତ୍ର ବ୍ୟତୀତ)/ ପାରିବାରିକ ବିବାଦ, ଜମି ଅଧିଗ୍ରହଣ ମାମଲା, ଚାକିରି ସମ୍ବନ୍ଧୀୟ, ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା(ଜିଲା କୋର୍ଟରେ ଓ ଜିଲା/ ତାଲୁକ କର୍ତ୍ତୃପକ୍ଷଙ୍କ ନିକଟରେ ଥିବା ବିଚାରାଧୀନ) ଆଦିର ସମାଧାନ ହୋଇପାରିବ। ଅଧିକ ବିବରଣୀ ନିମନ୍ତେ ଜିଲା ଆଇନସେବା ପ୍ରାଧୀକରଣ ଅନୁଗୋଳ ବା ତାଲୁକ ଆଇନସେବା କାର୍ଯ୍ୟାଳୟ ତାଳଚେର, ଆଠମଲ୍ଲିକ, ପାଲଲହଡ଼ା, ଛେଣ୍ଡିପଦା ଓ ବଅଁରପାଳ ସହିତ ଯୋଗାଯୋଗ କରିବାକୁ ସୂଚନା ଦିଆଯାଇଛି।

### ସାନହୁଲାରେ ଦୋଳଯାତ୍ରା ପାଳିତ

ବଇଣ୍ଡା, ୯।୩ (ପରିକ୍ଷିତ ସାହୁ)

ଅନୁଗୋଳ ଜିଲା ଆଠମଲ୍ଲିକ ବ୍ଲକ ସାନହୁଲା ଗ୍ରାମରେ ଶନିବାର ପଞ୍ଚଦୋଳଯାତ୍ରା ପାଳିତ ହୋଇଯାଇଛି। ଏହି ଅବସରରେ ପ୍ରଭୁ ରାଧାକୃଷ୍ଣଙ୍କୁ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରାଯାଇଥିଲା। ଶୋଭାଯାତ୍ରାରେ ଲଉଡି ବାଡ଼ି, ଘଣ୍ଟବାଦ୍ୟ, ସଂକୀର୍ତ୍ତନ ଦଳ ସାମିଲ ହୋଇ ପ୍ରଭୁଙ୍କୁ ଯାତ୍ରା ପଡିଆରେ ପହଞ୍ଚାଇଥିଲେ। ଗ୍ରାମର କିଶୋରୀ ଚନ୍ଦ୍ର ବେହେରା, ଚିନ୍ତାମଣି ସ୍ୱାଇଁ, ନରହରି ବେହେରା, କୃଷ୍ଣଚନ୍ଦ୍ର ସ୍ୱାଇଁ, ଶ୍ରୀକର ସ୍ୱାଇଁ, ରଜତ କୁମାର ସାହୁ, ଅଶୋକ ସାହୁ, ବୁଲେଟ ବିହାରୀ ସାହୁଙ୍କ ସମେତ ଗ୍ରାମବାସୀ ସହଯୋଗ କରିଥିଲେ।

### ଅଙ୍ଗନୱାଡି କେନ୍ଦ୍ରରୁ ଚୋରି ଅଭିଯୋଗ

ବନ୍ତଳା,୯।୩(ସୁଶିତ୍ ସାହୁ)

ଅନୁଗୋଳ ବ୍ଲକ ପୁରୁଣାଗଡ଼ ବଡ଼ଦାଣ୍ଡ ସାହି ଅଙ୍ଗନୱାଡ଼ି 'ଖ' କେନ୍ଦ୍ରର ତାଲା ଭାଙ୍ଗି କେହି ଦୁର୍ବୃତ୍ତ ଚୋରି କରିଥିବା ଅଭିଯୋଗ ହୋଇଛି। ବନ୍ତଳା ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁଯାୟୀ, ଘଟଣା ସମ୍ପର୍କରେ ଅଙ୍ଗନୱାଡ଼ି କର୍ମୀ ଶାଇରାବାନୋ ବିବି ସୋମବାର ବନ୍ତଳା ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗରେ ଦର୍ଶାଇଛନ୍ତି, ସେ ଓ ତାଙ୍କ ସହକର୍ମୀ ଶନିବାର ଅପରାହ୍ନ ୨ଟା ବେଳେ ଅଙ୍ଗନୱାଡି କେନ୍ଦ୍ରରେ ତାଲା ପକାଇ ଘରକୁ ଫେରିଥିଲେ' ସୋମବାର ସକାଳ ୧୦ଟାରେ କେନ୍ଦ୍ରକୁ ଆସିଲାବେଳେ ତାଲା ଭଙ୍ଗାଯାଇଥିବା ଦେଖିବାକୁ ପାଇଥିଲେ। ଭିତରେ ଥିବା ୪୦ କିଲୋ ଚାଉଳ ବସ୍ତା ଓ ପାନୀୟ ଜଳ ପାଇଁ ରଖାଯାଇଥିବା ପାଇପ୍, ଟ୍ୟାପ ଓ ଅନ୍ୟାନ୍ୟ ସାମଗ୍ରୀକୁ ମିଶାଇ ପ୍ରାୟ ୮ହଜାର ଟଙ୍କାର ଜିନିଷ ଚୋରି ହୋଇଥିବା ଜଣାପଡ଼ିଛି। ପୋଲିସ ଏକ ମାମଲା ରୁଜୁକରି ଘଟଣାର ତଦନ୍ତ କରୁଥିବା ଥାନା ଅଧିକାରୀ ସୂଚନା ଦେଇଛନ୍ତି।

# ଏପ୍ରିଲ ସୁଦ୍ଧା ରୋଗୀସେବା ନ ହେଲେ ତାଳଚେର ବନ୍ଦ ଡାକରା


ତାଳଚେର କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଗଣଧାରଣା ଦିଆଯାଇଛି।

ତାଳଚେର,୯।୩ (ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରସ୍ଥିତ ପବିତ୍ର ମୋହନ ପ୍ରଧାନ ମେଡିକାଲ କଲେଜରେ ଆସନ୍ତା ଏପ୍ରିଲ ସୁଦ୍ଧା ରୋଗୀ ସେବା ଆରମ୍ଭ ନ ହେଲେ ତାଳଚେର ବନ୍ଦ ଡାକରା ଦିଆଯିବ ବୋଲି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ନିଷ୍ପତ୍ତି ହୋଇଛି। ସୂଚନା ଅନୁଯାୟୀ, ମେଡିକାଲ କଲେଜରେ ଆନ୍ତଃ ଓ ବାହ୍ୟ ରୋଗୀ ଚିକିତ୍ସା ସେବା ଦାବି ନେଇ କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଉପଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଚାଲିଥିବା ଶାନ୍ତିପୂର୍ଣ୍ଣ ଗଣଧାରଣା ସୋମବାର ୬୦ ଦିନରେ ପହଞ୍ଚିଛି। ଏଥିସହ ବିଧାନସଭା ସମ୍ମୁଖ ଏବଂ ଅନୁଗୋଳ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଧ୍ୟ ଗଣଧାରଣା ଦିଆଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ତଥାପି ପଦକ୍ଷେପ ନିଆଯାଇ ନ ଥିବାରୁ କମିଟି ପକ୍ଷରୁ ଏହି ଚେତାବନୀ ଦିଆଯାଇଛି। ଏହି ଗଣଧାରଣାରେ କମିଟିର କାର୍ଯ୍ୟକାରୀ ସଭାପତି ଅଭୟ ପାଣି, ସାଧାରଣ ସମ୍ପାଦକ ବିଜୟ ପ୍ରଧାନ, ଚୈତନ୍ୟ ପ୍ରଧାନ, ପଦ୍ମଚରଣ ସାମଲ, କେଶବ ଭୂତିଆ ପ୍ରମୁଖ ଉପସ୍ଥିତ ଥିଲେ।

## ଜେରକ୍ସ ପ୍ରଶ୍ନପତ୍ରରେ ପରୀକ୍ଷା

ଛେଣ୍ଡିପଦା,୯।୩(ଅଜିତ୍ ଧଳ)

ଛେଣ୍ଡିପଦା ବ୍ଲକ ଟାଙ୍ଗିରି କ୍ଲଷ୍ଟର ଟାଙ୍ଗିରି ଓ ବାରମଞ୍ଜା ବିଦ୍ୟାଳୟରେ ସୋମବାର ପରୀକ୍ଷାରେ ବିଭ୍ରାଟ ଦେଖାଦେଇଥିଲା। ବହୁ ବିଳମ୍ବରେ ପ୍ରଶ୍ନପତ୍ରର ଜେରକ୍ସ ଆସିବା ପରେ ପରୀକ୍ଷା ହୋଇଥିଲା। ସୂଚନା ଅନୁଯାୟୀ, ସିଆର୍‌ସିସି ସମ୍ପୃକ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକଙ୍କ ନିକଟରେ ଦିନକ ପୂର୍ବରୁ ପ୍ରଶ୍ନପତ୍ର ପହଞ୍ଚାଇଥିଲେ। କିନ୍ତୁ ଚତୁର୍ଥ ଶ୍ରେଣୀ ପ୍ରଶ୍ନପତ୍ର ବଣ୍ଟନବେଳେ ଟାଙ୍ଗିରି ଓ ବାରମଞ୍ଜା ବିଦ୍ୟାଳୟକୁ ଗଣିତ ପ୍ରଶ୍ନପତ୍ର ଆସିଥିବା ଜଣାପଡ଼ିଥିଲା। ଶିକ୍ଷକମାନେ ସିଆର୍‌ସିସିଙ୍କୁ ଜଣାଇବା ପରେ ପ୍ରାୟ ସାଢେ ୯ଟାବେଳେ ଗ୍ରୁପ୍‌ରେ ଜେରକ୍ସ ପ୍ରଶ୍ନପତ୍ର ଦେବା ପାଇଁ ଜଣାଇଥିଲେ। ଜେରକ୍ସ କରି ପ୍ରଶ୍ନପତ୍ର ଅଣାଯିବାପରେ ପରୀକ୍ଷା କରାଯାଇଥିଲା। ଏହାକୁ ନେଇ ଅଭିଭାବକ ଓ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏ ନେଇ ଭାରପ୍ରାପ୍ତ ବ୍ଲକ ଶିକ୍ଷାଧିକାରୀ ଶତ୍ରୁଘ୍ନ ପ୍ରଧାନ କହିଛନ୍ତି,୨ ବିଦ୍ୟାଳୟକୁ ଦିନକ ପୂର୍ବରୁ ପ୍ରଶ୍ନପତ୍ର ପଠାଯାଇଛି। ତଦନ୍ତ ପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

## 'ଆର୍ଥିକ ଉନ୍ନତି ପାଇଁ ଭିତ୍ତିଭୂମି ସହ ପ୍ରୋତ୍ସାହନ ଜରୁରୀ'



ମହିଳା ଦିବସ ପାଳନ ଅବସରରେ ଅତିଥିମାନେ।

ବଇଣ୍ଡା, ୯।୩ (ପରିକ୍ଷିତ ସାହୁ)

କିଶୋରନଗର ବ୍ଲକ ଜାମୁନାଳି ନିକଟରେ ଥିବା ନାରୀ ସୁରକ୍ଷା ସମିତି ପରିସରରେ ରବିବାର ଅନ୍ତର୍ଜାତୀୟ ମହିଳା ଦିବସ ପାଳିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ଛେଣ୍ଡିପଦା ବ୍ଲକ ଅଧ୍ୟକ୍ଷା ସୁମିତ୍ରା ମାଝୀ, ଜିଲାପରିଷଦ ସଦସ୍ୟ ପ୍ରଦୀପ ସାହୁ, ଚାଇଲ୍ଡ ହେଲ୍ପ ଫାଉଣ୍ଡେଶନ ତରଫରୁ ଜୟନ୍ତ ପରିଡ଼ା, ବଇଣ୍ଡା ଜନତା ମହା ବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ କୃଷ୍ଣଚନ୍ଦ୍ର ଧୀର ବିଶୋଇ, ନାରୀ ସୁରକ୍ଷା ସମିତି ପ୍ରତିଷ୍ଠାତା ସ୍ମିତାରାନୀ ପଟ୍ଟନାୟକ, ନାରୀନେତ୍ରୀ ଅଞ୍ଜଳି ସାହୁ, ରାନୀ ଦିଣ୍ଡା, ଶର୍ମିଷ୍ଠା ପାତ୍ର, ମନୋରଞ୍ଜନ ପାଣି ଯୋଗ ଦେଇଥିଲେ। ମହିଳାଙ୍କ ଆର୍ଥିକ ଉନ୍ନତି ପାଇଁ ଭିତ୍ତିଭୂମି ସ୍ଥାପନ ସହ ପ୍ରୋତ୍ସାହନ ଲାଗି ନୀତି ପ୍ରଚଳନ କଲେ ସେମାନେ ମୁଖ୍ୟ ସ୍ରୋତରେ ସାମିଲ ହୋଇପାରିବେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ଜୟନ୍ତ ପରିଡ଼ାଙ୍କୁ ଶ୍ରେଷ୍ଠ ସାମାଜିକ କର୍ମୀମାନେ ସମ୍ମାନିତ କରାଯାଇଥିଲା। ୨୦ ଜଣ କର୍ମମୟୀ ମହିଳା, ମେଧାବୀ ଛାତ୍ରୀ, ସଙ୍ଗଠିକା ପ୍ରମୁଖଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଞ୍ଜନା ମହାକୁଡ ଧନ୍ୟବାଦ ଅର୍ପଣ କରିଥିଲେ।

## ୨୮ରୁ ୩ ଦିନିଆ ପାଲଲହଡ଼ା ମହୋତ୍ସବ



ପାଲଲହଡ଼ା,୯।୩(ଦିବ୍ୟଜ୍ୟୋତି ଦାଶ)

ଅନୁଗୋଳ ଜିଲା ପାଲଲହଡ଼ା ଉପଜିଲାପାଳ ରବୀନ୍ଦ୍ର କୁମାର ପଟେଲଙ୍କ ଅଧ୍ୟକ୍ଷତାରେ ପାଲଲହଡ଼ା ମହୋତ୍ସବ ପାଇଁ ପ୍ରସ୍ତୁତି ବୈଠକ ସୋମବାର ଅନୁଷ୍ଠିତ ହୋଇଯାଇଛି। ମାର୍ଚ୍ଚ ୨୮, ୨୯ ଏବଂ ୩୦ ତିନି ଦିନ ପର୍ଯ୍ୟନ୍ତ ଏହି ମହୋତ୍ସବ ଅନୁଷ୍ଠିତ ହେବ। ଏହି ୩ ଦିନ କାର୍ଯ୍ୟକ୍ରମରେ ରାଜ୍ୟ ସରକାରଙ୍କ ବରିଷ୍ଠ ମନ୍ତ୍ରୀ, ଜିଲା ଏବଂ ରାଜ୍ୟର ବିଶିଷ୍ଟ ଅଧିକାରୀମାନେ ଯୋଗଦେବେ। ଏଥିସହ ଓଲିଉଡ଼, ବଲିଉଡ଼ର କଳାକାର, ସ୍ଥାନୀୟ କଳାକାର ଯୋଗଦେଇ ନୃତ୍ୟ ଏବଂ ସଙ୍ଗୀତ ପରିବେଷଣ କରିବେ। ମହୋତ୍ସବ ସୁପରିଚାଳନା ନିମନ୍ତେ ବିଭିନ୍ନ କମିଟି ଗଠନ ସହ ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ଉପଖଣ୍ଡ ପୋଲିସ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଥିଲା। ପ୍ରସ୍ତୁତି ବୈଠକରେ ଉପଜିଲାପାଳଙ୍କ ସମେତ ବିଡିଓ ନିଶାନ ମିଶ୍ର, ତହସିଲଦାର ଆକାଂକ୍ଷା ମହାପାତ୍ର, ଏସ୍‌ଡିପିଓ କୈଳାଶ ଚନ୍ଦ୍ର ସେଠୀ, ବ୍ଲକ ଅଧ୍ୟକ୍ଷା ରୀନାରାଣୀ ନାୟକ, ଢେଙ୍କାନାଳ ଏମ୍‌ପିଙ୍କ ପ୍ରତିନିଧି ଲିଙ୍ଗରାଜ ଦାଶ, ବିଧାୟକଙ୍କ ପ୍ରତିନିଧି ତନ୍ମୟ କୁମାର ସାହୁ, ଭାଜପା ମଣ୍ଡଳ ସଭାପତି ଆଶିଷ ସାମଲ, ଶିକ୍ଷାବିତ୍, ପୋଲିସ ଅଧିକାରୀ, ୨ ଡେପୁଟି କଲେକ୍ଟର ପ୍ରମୁଖ ଉପସ୍ଥିତ ଥିଲେ।

# ମାରଣା ଷଣ୍ଢକୁ ନିଶ୍ଚେତକ ଦେଇ ସ୍ଥାନାନ୍ତର

ଅନୁଗୋଳ,୯।୩(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ସହର ଭିତରେ ବୁଲା ଗୋରୁ ଷଣ୍ଢଙ୍କ ଉତ୍ପାତ ଯୋଗୁ ସ୍ଥାନୀୟ ବାସିନ୍ଦା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବଜାର ଛକରୁ ଗାନ୍ଧୀ ମାର୍ଗ ଛକ ମଧ୍ୟରେ କେତୋଟି ମାରଣା ଷଣ୍ଢ ଲୋକଙ୍କୁ ଆକ୍ରମଣ କରିବା ସହ କାର, ବାଇକ୍ ଆଦିକୁ ଭାଙ୍ଗି ଦେଉଥିଲେ। କେତେଜଣ ବ୍ୟବସାୟୀ ଓ ସାମାଜିକ କର୍ମୀ ଜିଲାପାଳଙ୍କୁ ଭେଟି ଅଭିଯୋଗ କରିବା ପରେ ମାରଣା ଷଣ୍ଢ ସ୍ଥାନାନ୍ତର ନେଇ ପ୍ରକ୍ରିୟା ଆରମ୍ଭ ହୋଇଛି। ସୋମବାର ଭୋର୍ ସମୟରେ ପୌର ନିର୍ବାହୀ ଅଧିକାରୀ ସତ୍ୟ ପ୍ରକାଶ ତ୍ରିପାଠୀ ଏବଂ ପ୍ରାଣୀଧନ ଅତିରିକ୍ତ ନିର୍ଦ୍ଦେଶକ ଡା. କେଶବ ଚନ୍ଦ୍ର ପ୍ରଧାନଙ୍କ ନେତୃତ୍ୱରେ ବନ ବିଭାଗ ନିଶ୍ଚେତକ ଟିମ୍ ସହାୟତାରେ ନିଶ୍ଚେତକ ଦିଆଯାଇ ସଞ୍ଜୀବନୀ ମାର୍କେଟ ଓ ବଜାର ରାସ୍ତାରୁ



ମାରଣା ଷଣ୍ଢକୁ ନିଶ୍ଚେତକ ଦିଆଯାଇ ଗାଡ଼ିରେ ଗୋଶାଳାକୁ ପଠାଯାଉଛି।

ଷଣ୍ଢ ଅପସାରଣ କରାଯାଇ ଗୋଶାଳାକୁ ପଠାଯାଇଥିଲା। ବିଭିନ୍ନ ପର୍ଯ୍ୟାୟରେ ଏପରି କାର୍ଯ୍ୟ କରାଯିବ ବୋଲି ନିର୍ବାହୀ ଅଧିକାରୀ ତ୍ରିପାଠୀ ସୂଚନା ଦେଇଛନ୍ତି।

## ଜିଲା କାର୍ଯ୍ୟାଳୟରେ ଅଭିଯୋଗ ଶୁଣାଣି

ଅନୁଗୋଳ,୯।୩(ଦିବ୍ୟଶାନ୍ତନୁ ନାଥ)

ଅନୁଗୋଳ ଜିଲା କାର୍ଯ୍ୟାଳୟଠାରେ ଅତିରିକ୍ତ ଜିଲାପାଳ ପ୍ରତାପ ପ୍ରତିମୟଙ୍କ ଅଧ୍ୟକ୍ଷତାରେ ସୋମବାର ଜନଶୁଣାଣି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ୨୭ଟି ଅଭିଯୋଗ ଗ୍ରହଣ କରାଯିବା ସହ ଗୋଟିଏର ଫଇସଲା କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୨୨ ହଜାର ୫୦୦ ଟଙ୍କା ଓ ଜଣଙ୍କୁ ରେଡ୍‌କ୍ରସ୍ ପାଣ୍ଠିରୁ ୫ ହଜାର ଟଙ୍କା ଚିକିତ୍ସା ସହାୟତା ରାଶି ପ୍ରଦାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଜିଲାସ୍ତରୀୟ ଅଧିକାରୀ ଯୋଗ ଦେଇଥିଲେ।

## 'ନିଜେ ବଦଳିବା ସହ ଅନ୍ୟକୁ ବଦଳାଇବା ଦରକାର'

ଢେଙ୍କାନାଳ,୯।୩(ରତନ ନାୟାର)

ଢେଙ୍କାନାଳ ସଦର ବ୍ଲକ ମହୁଲପଡ଼ାସ୍ଥିତ ବିଶ୍ୱ କୁନ୍ତଳ ଶିଶୁଗୃହ ପରିସରରେ ଇଶୋ ସମାଜସେବା ସଙ୍ଗଠନ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ରବିବାର ପାଳିତ ହୋଇଯାଇଛି। ସମ୍ପାଦିକା ପୁଷ୍ପାଞ୍ଜଳି ଜେନା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଭାବେ ସାମାଜିକ କର୍ମୀ ଶୈଳବାଳା ମିଶ୍ର ଯୋଗଦେଇ ମହିଳାମାନେ ଦୃଢ଼ମନା ହୋଇ ନିଜେ ବଦଳିବା ସହିତ ଅନ୍ୟକୁ ବଦଳାଇବା ଦରକାର ବୋଲି କହିଥିଲେ। ବିଶ୍ୱ କୁନ୍ତଳ ଶିଶୁଗୃହର ପରିଚାଳିକା ଗାୟତ୍ରୀ ମହାନ୍ତ ଧନ୍ୟବାଦ ପ୍ରଦାନ କରିଥିଲେ। ଅନୁଷ୍ଠାନର ସର୍ବେଶ୍ୱର ମଲ୍ଲିକ, ଗାୟତ୍ରୀ ଦେହୁରୀ ଓ ଉମେଶ ମହାନ୍ତ ପ୍ରମୁଖ ସହଯୋଗ କରିଥିଲେ।

## ୪୮ ଅଭିଯୋଗ ଶୁଣିଲେ ଜିଲାପାଳ

ଛେଣ୍ଡିପଦା,୯।୩(ଅଜିତ୍ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ବ୍ଲକ ସଭାଗୃହଠାରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ଜିଲାପାଳ ଅବଦଲ ମୁହମ୍ମଦ ଅଖତାର ଓ ଏସ୍‌ପି ରାହୁଲ ଜୈନ ଯୋଗଦେଇ ୪୮ଟି ଅଭିଯୋଗର ଶୁଣାଣି କରିଥିଲେ। ୩ଟି ଅଭିଯୋଗର ତୁରନ୍ତ ଫଇସଲା କରାଯାଇଥିଲା। ଏଥିରେ ମୁଖ୍ୟତଃ ୬୩ନଂ. ରାଜ୍ୟ ରାଜପଥରେ କୋଇଲା ଟ୍ରକ୍ ଯାତାୟାତକୁ ନେଇ ଛେଣ୍ଡିପଦା ଟ୍ରକ୍ ମାଲିକ ସଂଘ, ଜରିପାଳ ଗାଁରେ ହାତୀ ପାଇଁ ସାଇରନ, ଡୁକୁଡାରେ ଶିଶୁ ସେବିକା ଚୟନରେ ଅନିୟମିତତା, ନୂଆପଡ଼ାରେ ନୂତନ ନଳକୂପ, କୋଶଳାରେ ରାସ୍ତାକଡ଼ ଜମି ପାଇଁ କମ୍ପାନୀ ପକ୍ଷରୁ କ୍ଷତିପୂରଣ, ନାଲ୍‌କୋରେ ସ୍ଥାୟୀ କ୍ଷତିପୂରଣ, ଗ୍ରାମ ସମସ୍ୟା, ଥଣ୍ଡା ପାନୀୟଜଳ, ଉଠା ଜଳସେଚନ, ବିକଳାଙ୍ଗ ଓ ବାର୍ଦ୍ଧକ୍ୟ ଭତ୍ତା, ଜମି ସଂକ୍ରାନ୍ତୀୟ ଆଦି ଅଭିଯୋଗ ଆସିଥିଲା। ଏହାର ତୁରନ୍ତ ଫଇସଲା ପାଇଁ ଜିଲାପାଳ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଅନୁଗୋଳ ଉପଜିଲାପାଳ ମାୟାଧର ବେହେରା, ମୁଖ୍ୟ ଉନ୍ନୟନ ଅଧିକାରୀ ଦେବଦତ୍ତ ମହନ୍ତ, ଛେଣ୍ଡିପଦା ବିଡିଓ, ତହସିଲଦାର ଓ ସମସ୍ତ ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ ।



ଜିଲାପାଳ, ଏସ୍‌ପିଙ୍କ ସହ ଅନ୍ୟ ଅଧିକାରୀ ଅଭିଯୋଗର ଶୁଣାଣି କରୁଛନ୍ତି।

# ହିଙ୍ଗୁଳା ଯାତ୍ରା ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ


ଦ୍ୱିତୀୟ ପ୍ରସ୍ତୁତି ବୈଠକରେ ତାଳଚେର ବିଧାୟକ, ଉପଜିଲାପାଳ, ରାଜାସାହେବଙ୍କ ସହିତ ଅନ୍ୟମାନେ।

ତାଳଚେର,୯।୩(ମନୋଜ ନନ୍ଦ)

ଅନୁଗୋଳ ଜିଲା ତାଳଚେରର ଅଧିଷ୍ଠାତ୍ରୀ ଦେବୀ ମା' ହିଙ୍ଗୁଳାଙ୍କ ପ୍ରସିଦ୍ଧ ବାର୍ଷିକ ଯାତ୍ରା ଓ ୨୨ତମ ଲୋକ ମହୋତ୍ସବ ନିମନ୍ତେ ଦ୍ୱିତୀୟ ପ୍ରସ୍ତୁତି ବୈଠକ ଗୋପାଳପ୍ରସାଦସ୍ଥିତ ପୀଠ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଉପଜିଲାପାଳ ତଥା ହିଙ୍ଗୁଳା ଟ୍ରଷ୍ଟ ବୋର୍ଡର ମ୍ୟାନେଜିଂ ଟ୍ରଷ୍ଟି ସମୀର କୁମାର ଜେନା ଏଥିରେ ଅଧ୍ୟକ୍ଷତା କରିଥିଲେ। ତାଳଚେର ରାଜା ସାହେବ ଭିଜୟେନ୍ଦ୍ର ଚନ୍ଦ୍ର ଦେବ, ତାଳଚେର ବିଧାୟକ ବ୍ରଜକିଶୋର ପ୍ରଧାନ, ପାଲଲହଡ଼ା ବିଧାୟକ ଅଶୋକ କୁମାର ମହାନ୍ତି, ପୂର୍ବତନ ଏମ୍‌ପି ମହେଶ ସାହୁ, ତାଳଚେର ଏସ୍‌ଡିପିଓ ଭରତ ଚନ୍ଦ୍ର ସାହୁ, ବିଡିଓ ସୁଶାନ୍ତ କୁମାର ବରାଳ, ଡେପୁଟି କଲେକ୍ଟର ଧର୍ମେନ୍ଦ୍ର ଶତପଥୀ, ଖାଉଟି ସୁରକ୍ଷା ଅଧିକାରୀ ଲିପସାରାଣୀ ରାଉତ, ସମସ୍ତ ସରକାରୀ ଅଧିକାରୀ, ଏମ୍‌ସିଏଲ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ଆସନ୍ତା ୩୧ ତାରିଖ ଠାରୁ ମା'ଙ୍କ ଏହି ବାର୍ଷିକ ଯାତ୍ରା ଆରମ୍ଭ ହୋଇ ଏପ୍ରିଲ ୮ ତାରିଖ ଯାଏ ଚାଲିବ। ଏଥିପାଇଁ ସମସ୍ତ ପ୍ରସ୍ତୁତି କାର୍ଯ୍ୟ ଶେଷ କରିବାକୁ ଉପଜିଲାପାଳ ନିର୍ଦ୍ଦେଶ ଦେଇଥିଲେ । ଚଳିତବର୍ଷ ଯାତ୍ରାସ୍ଥଳରେ ପଲିଥିନ୍ ବ୍ୟବହାରକୁ ସମ୍ପୂର୍ଣ୍ଣ ବର୍ଜନ କରାଯିବ। ସେହିପରି ୯ଦିନ ବ୍ୟାପୀ ଲୋକ ମହୋତ୍ସବ ଅନୁଷ୍ଠିତ ହେବ। ଟ୍ରଷ୍ଟ ବୋର୍ଡ ପକ୍ଷରୁ ବାର୍ଷିକ ମୁଖପତ୍ର ଅଗ୍ନିସ୍ନାତା ଉନ୍ମୋଚନ ହେବ। ମା'ଙ୍କ ନବ କଳେବର ତଥା ପାଟବରୀ ଉତ୍ସବ ଯାତ୍ରା ଦିନ ସକାଳ ୮ଟା ୦୬ରୁ ମଧ୍ୟାହ୍ନ ୧୨ଟା ୧୪ ମଧ୍ୟରେ ଅନୁଷ୍ଠିତ ହେବ ବୋଲି ସ୍ଥିର କରାଯାଇଥିଲା।

## ସାପ କାମୁଡ଼ାରେ ଜଣେ ମୃତ

କାମାକ୍ଷାନଗର,୯।୩(ସୁଧୀର ପରିଡ଼ା)

ଢେଙ୍କାନାଳ ଜିଲା କାମାକ୍ଷାନଗର ଏନ୍‌ଏସି ଇନ୍ଦିପୁର ଗ୍ରାମରେ ସୋମବାର ସାପ କାମୁଡ଼ାରେ ପବିତ୍ର ନାୟକ(୫୦)ଙ୍କ ମୃତ୍ୟୁ ହୋଇଛି। ସେ ଘରେ ଶୋଇଥିବାବେଳେ ସାପ କାମୁଡ଼ି ଦେଇଥିଲା। ଅସୁସ୍ଥ ଅନୁଭବ କରିବାରୁ ପରିବାର ଲୋକେ ତାଙ୍କୁ କାମାକ୍ଷାନଗର ଉପଖଣ୍ଡ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

# ରାତ୍ରିକାଳୀନ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଘାଟିତ


ଉଦ୍‌ଘାଟନୀ କାର୍ଯ୍ୟକ୍ରମରେ ଅତିଥିଙ୍କ ସହ ଅନ୍ୟମାନେ।

ଆଠମଲ୍ଲିକ,୯।୩(ଉଦୀପ୍ତ ପୁରୋହିତ)

ଅନୁଗୋଳ ଜିଲା ଆଠମଲ୍ଲିକ ସହର ୯ ନମ୍ବର ୱାର୍ଡ ରାମେଶ୍ୱରପାଟଣାରେ ମା' ରୁଦ୍ରଭବାନୀ କ୍ଲବ ଆନୁକୂଲ୍ୟରେ ରାତ୍ରିକାଳୀନ ସାର୍କିଲ କ୍ରିକେଟ ଟୁର୍ନାମେଣ୍ଟ ରବିବାର ଉଦ୍‌ଘାଟିତ ହୋଇଯାଇଛି। ବିଗ ବ୍ରଦର୍ସ ଓ ୱେଷ୍ଟ ବେଙ୍ଗଲ ମଧ୍ୟରେ ଉଦ୍‌ଘାଟନୀ ମ୍ୟାଚ ଖେଳାଯାଇଥିବାବେଳେ ୱେଷ୍ଟ ବେଙ୍ଗଲ ବିଜୟୀ ହୋଇଥିଲା। ଦ୍ୱିତୀୟ ମ୍ୟାଚ ତାଜ କ୍ଲବ ଓ ଟିମ୍ ଡ୍ରାଗନ ମଧ୍ୟରେ ଖେଳାଯାଇଥିବାବେଳେ ତାଜ କ୍ରିକେଟ କ୍ଲବ ବିଜୟୀ ହୋଇଥିଲା। କ୍ୱାର୍ଟର ଫାଇନାଲ ମ୍ୟାଚରେ ୱେଷ୍ଟ ବେଙ୍ଗଲକୁ ହରାଇ ତାଜ କ୍ରିକେଟ କ୍ଲବ ସେମିଫାଇନାଲ ଖେଳିବାକୁ ଉନ୍ନୀତ ହୋଇଥିଲା। ସିଦ୍ଧେଶ୍ୱର ପଣ୍ଡା, ଆରିୟନ ବେହେରା ଖେଳ, ରମନ ପ୍ରଧାନ କମଳ ବାହୁକ ଖେଳ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ଏନ୍‌ଏସି ନିର୍ବାହୀ ଅଧିକାରୀ ଚନ୍ଦ୍ରକାନ୍ତ ବେହେରା, ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଆଇଆଇସି ବିକାଶ କୁମାର ସାମଲ, କମଳାକାନ୍ତ ମିଶ୍ର, କୃଷ୍ଣଚନ୍ଦ୍ର ଭୋକ୍ତା, ନିର୍ମଳ ବେହେରା ଯୋଗଦେଇଥିଲେ। ଆୟୋଜକ କ୍ଲବ ସଭାପତି ବିଶାଳ କୁମାର ସାହୁ, ସମ୍ପାଦକ ଯୁଧିଷ୍ଠିର ମହାକୁଡ଼, କୋଷାଧ୍ୟକ୍ଷ ଶୁଭ୍ରାଂଶୁ ଶେଖର ଭୋକ୍ତାଙ୍କ ସମେତ ସମସ୍ତ ସଦସ୍ୟ ସହଯୋଗ କରିଥିଲେ ।

## ରାଶନ ଦୋକାନରୁ ବିପୁଳ ମଦ ଜବତ

ପବିତ୍ରନଗର,୯।୩(ନିରୋଜ ପ୍ରଧାନ)

କଣିହାଁ ବ୍ଲକ ରେଙ୍ଗାଳି ଡ୍ୟାମ୍ ସାଇଟ୍ ଥାନା ଅନ୍ତର୍ଗତ ଭାଲିଆବେଡ଼ା ଗ୍ରାମର ଏକ ରାଶନ ଦୋକାନରୁ ରବିବାର ରାତିରେ ଜିଲା ସ୍ୱତନ୍ତ୍ର ସ୍କ୍ୱାଡ୍ ଓ ରେଙ୍ଗାଳି ପୋଲିସ ମିଳିତ ଚଢ଼ାଉ କରି ବିପୁଳ ପରିମାଣର ବିଦେଶୀ ମଦ ଜବତ କରିଛି। ବିଶସ୍ତ ସୂତ୍ରରୁ ଖବରପାଇ ଜିଲା ସ୍ୱତନ୍ତ୍ର ସ୍କ୍ୱାଡ୍ ଭାଲିଆବେଡ଼ା ଗ୍ରାମର ସୁମନ୍ତ ସାହୁଙ୍କ ଦୋକାନରେ ଚଢାଉ କରି ପ୍ରାୟ ୨୬୮ ଲିଟର ବିଦେଶୀ ମଦ ଜବତ କରିବା ସହିତ ବେଆଇନ ମଦ ବିକ୍ରି ଅଭିଯୋଗରେ ତାଙ୍କୁ ଗିରଫ କରିଥିବା ଥାନା ଅଧିକାରୀ ଚଞ୍ଚଳା ନାୟକଙ୍କ ପ୍ରକାଶ କରିଛନ୍ତି।



# କୋଇଲା ପରିବହନ ପାଇଁ ସମନ୍ୱୟ ବୈଠକ ବିଫଳ

ଛେଣ୍ଡିପଦା,୯।୩(ଅଜିତ ଧଳ)

ଅନୁଗୋଳ ଜିଲା ଛେଣ୍ଡିପଦା ଥାନା ନୈନି କୋଇଲା ଖଣିରୁ କୋଇଲା ପରିବହନକୁ ବିରୋଧ କରି ଛେଣ୍ଡିପଦା ବ୍ଲକର ବିଭିନ୍ନ ଗାଁରେ ଆନ୍ଦୋଳନ ମୁଣ୍ଡ ଟେକିଛି। ବିଭିନ୍ନ ଗାଁ ରାସ୍ତା ଦେଇ କୋଇଲା ପରିବହନ ହେଲେ ସମ୍ପୃକ୍ତ ଗ୍ରାମାଞ୍ଚଳରେ ପ୍ରଦୂଷଣ ବୃଦ୍ଧି ପାଇବା ସହିତ କୃଷି ପ୍ରଭାବିତ ହେବ ଏବଂ ଜନଜୀବନ ବିପଦରେ ପଡ଼ିବ ବୋଲି ଆଶଙ୍କା କରି ବ୍ଲକର ପ୍ରାୟ ୧୦ରୁ ଅଧିକ ଗାଁରେ ବିରୋଧ ଜାରି ରହିଛି। ଲୋକେ ରାତି ଉଜାଗର ରହି ଗାଁ ରାସ୍ତାକୁ ଜଗି ରହିଛନ୍ତି। ଏପରି ସ୍ଥିତିରେ ଆଇନ ଶୃଙ୍ଖଳା ବଜାୟ ରଖିବା ପାଇଁ ସୋମବାର ଛେଣ୍ଡିପଦା ତହସିଲଦାର ମାନସ ରାୟଙ୍କ ଅଧ୍ୟକ୍ଷତାରେ ଏକ ସମନ୍ୱୟ ବୈଠକ ବସିଥିଲା। ଏଥିରେ କୋଶଳା, ଟାଙ୍ଗୁଡ଼ିଆ, ସନ୍ତରାବନ୍ଧ, ବ୍ରାହ୍ମଣବିଲ, ଛେଣ୍ଡିପଦା, ଖଙ୍ଗୁରିଆ, କଙ୍କୁରପାଳ ଆଦି ଗ୍ରାମର କମିଟି ଯୋଗ ଦେଇଥିଲେ। ହେଲେ ବୈଠକ ବିଫଳ ହୋଇଥିବା ସୂଚନା ମିଳିଛି।



ଉକ୍ତ ବୈଠକରେ ବିଭିନ୍ନ ରାସ୍ତା ଦେଇ ଟ୍ରକ୍ ମାଧ୍ୟମରେ କୋଇଲା ପରିବହନ ଯୋଜନା ସମ୍ପର୍କରେ ତହସିଲଦାର ସମ୍ପୃକ୍ତ ଗ୍ରାମ କମିଟିକୁ ଅବଗତ କରାଇଥିଲେ। ନୈନି କୋଇଲା ଖଣିରୁ ମିନାକ୍ଷୀ ଏନର୍ଜି ଲିମିଟେଡ ତିରୁପତି, ଜେଆଇପିଏଲ ଡେରେଙ୍ଗ, ଜେଏସ୍‌ପିଏଲ୍ ଅନୁଗୋଳ, ଜିଏମ୍‌ଆର୍ କମଳାଙ୍ଗ ଏନର୍ଜି ଲିମିଟେଡକୁ କୋଇଲା ପରିବହନ କରାଯିବା ପାଇଁ ଯୋଜନା ହୋଇଥିବା କହିଥିଲେ। ତେଣୁ ସ୍ଥାନୀୟ ଅଞ୍ଚଳରେ ଆଇନ ଶୃଙ୍ଖଳା ପରିସ୍ଥିତି ସହିତ ଶାନ୍ତିପୂର୍ଣ୍ଣ ପରିବେଶ ବଜାୟ ରଖିବା ପାଇଁ ତହସିଲଦାର ନିବେଦନ କରିଥିଲେ। ଏଥିସହ ଗ୍ରାମବାସୀ ଏହି କୋଇଲା ପରିବହନ ସମ୍ପର୍କିତ ବିଭିନ୍ନ ଅଭିଯୋଗ ଶୁଣିଥିଲେ । ପ୍ରାୟ ୨ଘଣ୍ଟା ଧରି ଆଲୋଚନା ପରେ ଗ୍ରାମବାସୀ ଗ୍ରାମ ରାସ୍ତା ଦେଇ କିମ୍ବା ୬୩ନଂ ରାଜ୍ୟ ରାଜପଥରେ କୋଇଲା ପରିବହନ କରାଇ ଦେବେ ନାହିଁ ବୋଲି କହିଥିଲେ। ଫଳରେ ବୈଠକ ବିଫଳ ହୋଇଥିଲା। ଅପରପକ୍ଷେ ଦୀର୍ଘ ୪ଦିନ ଧରି କୋଇଲା ବୋଝେଇ ହୋଇ ଟ୍ରକ୍‌ଗୁଡିକ ଛିଡ଼ା ହୋଇଥିବା ନେଇ ଛେଣ୍ଡିପଦା ଟ୍ରକ୍ ମାଲିକ ସଂଘ ପକ୍ଷରୁ ଏହାର ସ୍ଥାୟୀ ସମାଧାନ ପାଇଁ ଜିଲାପାଳଙ୍କୁ ଭେଟିଥିଲେ। ଟ୍ରକ୍ ଚଳାଚଳ ନେଇ ପ୍ରଶାସନ ପକ୍ଷରୁ ନିଷ୍ପତ୍ତି ନିଆଯାଇପରିବ ନାହିଁ ବୋଲି ଜିଲାପାଳ କହିଥିଲେ । ଫଳରେ ଏହି କୋଇଲା ପରିବହନକୁ ନେଇ ଦିନକୁ ଦିନ ଛେଣ୍ଡିପଦାରେ ଅସନ୍ତୋଷ ବୃଦ୍ଧି ପାଉଛି।

